**ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ**

# ‘ବିଜେଡି ହେଉଛି ସେବା, ସଂଗ୍ରାମ ଓ ସ୍ୱାଭିମାନର ଦଳ’

ବାଲେଶ୍ୱର(ଉତ୍ତର)/କମର୍ଦ୍ଦା,୨୬।୧୨(ସମିସ)




ବିଜେଡି ଓଡ଼ିଶାବାସୀଙ୍କୁ ଦୀର୍ଘ ୨୪ବର୍ଷ ସେବା ଦେଇଆସିଛି। ଆଗକୁ ଆହୁରି ଶହେ ବର୍ଷ ରହିବ। ଅପପ୍ରଚାରକାରୀଙ୍କ ଭାଷରେ ଏ ଦଳ କେବେ ଭାଙ୍ଗିଯିବ ନାହିଁ। ବିଜେଡି ଅଛି ଓ ଆଗକୁ ରହିବ। ବିଜେଡି ଶହେ ବର୍ଷ ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ। ଓଡ଼ିଶାବାସୀଙ୍କ ସ୍ୱାର୍ଥ, ସମୃଦ୍ଧି ଉଦ୍ଦେଶ୍ୟରେ ବିଜୁ ଜନତା ଦଳ ରାଜ୍ୟବାସୀଙ୍କୁ ସେବା ଯୋଗାଇ ଆସୁଛି। ଆଗକୁ ମଧ୍ୟ ଯୋଗାଇବାକୁ ସଂକଳ୍ପବଦ୍ଧ ବୋଲି ଆଜି ଭୋଗରାଇ ବ୍ଲକ କମର୍ଦ୍ଦାସ୍ଥିତ ପ୍ରବଚନ ପଡ଼ିଆଠାରେ ବିଜୁଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇ ବିଧାୟକ ଗୌତମବୁଦ୍ଧ ଦାସ ମତବ୍ୟକ୍ତ କରିଛନ୍ତି।

ଭୋଗରାଇ ବିଧାୟକ ଶ୍ରୀ ଦାସଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ନେତା ଓ ହଜାର ହଜାର କର୍ମୀ ଶୋଭାଯାତ୍ରାରେ ବାହାରି ସଭା ମଞ୍ଚ ନିକଟରେ ପହଞ୍ଚି ଥିଲେ। ବ୍ଲକ୍ ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ବିଧାୟକ ଶ୍ରୀ ଦାସଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଗଣପତି ଗିରି, ୩୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା କବିତା ମହାନ୍ତି, ୩୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦ, ୩୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି, ୩୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, ୩୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା କବିତା ମହାନ୍ତି, ବ୍ଲକ୍ ବିଜେଡିର ସାଧାରଣ ସମ୍ପାଦକ ହେମନ୍ତ ବେହେରା, ରାଜକିଶୋର ଜେନା, ନଗେନ୍ଦ୍ର ପାତ୍ର, ରାମକୃଷ୍ଣ ପାତ୍ର, କମର୍ଦ୍ଦା ସରପଞ୍ଚ ଦେବୀରାଣୀ ପ୍ରଧାନ, ନଳିନୀ ସେଠୀ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରରେ ବିକାଶ ନାହିଁ, ଚାଷୀଙ୍କୁ ସାର ମିଳୁନି। ଧାନ ମଣ୍ଡି ଖୋଲୁ ନାହିଁ। ମିଶନ ଶକ୍ତି ମା’ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ ହୋଇପଡ଼ିଛି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ଅତ୍ୟାଚାର ବଢ଼ିବାରେ ଲାଗିଛି ବୋଲି କହିଥିଲେ। ତେଣୁ ପୁଣି ଆଜିର ଦିନରେ ଶପଥ ନେଇ ଲୋକଙ୍କ ସେବା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଭୋଗରାଇ:** ଭୋଗରାଇ ବ୍ଲକ୍ କମର୍ଦ୍ଦା ପଞ୍ଚାୟତରେ ଥିବା ପ୍ରବଚନ ପଡ଼ିଆରେ ବିଜୁଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ ସଭାପତିତ୍ୱ କରିଥିଲେ। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ନେତୃତ୍ୱରେ ବହୁ କର୍ମୀ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଗଣପତି ଗିରି, ବିଭିନ୍ନ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡିର ସାଧାରଣ ସମ୍ପାଦକ ହେମନ୍ତ ବେହେରା, ନଗେନ୍ଦ୍ର ପାତ୍ର, ନଳିନୀକାନ୍ତ ସେଠୀ, ରାମକୃଷ୍ଣ ପାତ୍ର, ସରପଞ୍ଚ ଦେବୀ ରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହାବାଜିପୁର ଚନ୍ଦନେଶ୍ୱର ବିଜୁ ଗୋଲେଇ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଥାନାଛକ ଠାରେ ଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



**ଲଙ୍ଗଳେଶ୍ୱର:** ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ଲଙ୍ଗଳେଶ୍ୱର ଠାରେ ପାଳିତ ହୋଇଯାଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ବସ୍ତା ଓ ବାଲିଆପାଳ ଅଞ୍ଚଳର ଲୋକଙ୍କ ସେବାରେ ଜୀବନର ଶେଷ ନିଃଶ୍ୱାସ ଯାଏ ବ୍ରତୀ ରହିବି ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ମଧ୍ୟ ଏହି ସଂସଦୀୟ କ୍ଷେତ୍ରର ବିକାଶ ପାଇଁ ସର୍ବଦା ଉଦ୍ୟମ କରିବି ବୋଲି କହିଛନ୍ତି। ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ଚକ୍ରଧର ଗିରି, ଭଗବାନ ଗିରି, ଲକ୍ଷ୍ମୀଧର ଦାସ, ଶରତ ପ୍ରଧାନ, ପ୍ରଦୀପ ବିଶ୍ୱାଳ, ସୁବ୍ରତ ପଣ୍ଡା, ଅଜୟ ସାମଲ, ମହେଶ୍ୱର ଜେନା, ଦେବ ଦେ, ମହାଦେବ ଦାସ, ଅଜୟ ପାତ୍ର, ମୃତ୍ୟୁଞ୍ଜୟ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ବସ୍ତା ବ୍ଲକ୍ ମହିଳା ବିଜେଡି ସଭାପତି ଲିପିକା ରାଉଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବଣିଆଡିହା ପଞ୍ଚାୟତର ଆଦିବାସୀ ସାହିରେ ବିଧାୟିକା ସୁବାସିନୀ ଜେନା କମ୍ବଳ ବଣ୍ଟନ କରିଥିଲେ।




**ନୀଳଗିରି:** ନିଳଗିରରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗଙ୍ଗାଧର




ମିଶ୍ର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, ବିଜେଡି ଏନ୍‌ଏସି ସଭାପତି ରବୀନ୍ଦ୍ର ପରିଡ଼ା, ସମାଜସେବୀ ଉପେନ୍ଦ୍ର ଦାସ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଯୁବନେତା ଉଦୟଜ୍ୟୋତି ମହାନ୍ତି, ରାଜୀବ ଦାସବାବୁ, ଭଉଁରିଆବାଡ ସରପଞ୍ଚ ସଞ୍ଜୀୟ ସିଂ, ନଟୁ ସରକାର, ଅଚ୍ୟୁତ ପ୍ରଧାନ, ଉପେନ୍ଦ୍ର ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଜଳେଶ୍ୱରର ପୁଅ ଡାକ୍ତର ରତ୍ନାକର ସାହୁଙ୍କ ସଫଳତା

**ଜଳେଶ୍ୱର,୨୬।୧୨(ସମିସ):** ଜଳେଶ୍ୱରର ପୁଅ ଡାକ୍ତର ରତ୍ନାକର ସାହୁଙ୍କ ମିଳିଛି ସଫଳତା। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଆଦେଶନାମା ଅନୁଯାୟୀ ଖ୍ୟାତନାମା ଚିକିତ୍ସକ ଡାକ୍ତର ସାହୁଙ୍କୁ ଦିଲ୍ଲୀସ୍ଥିତ ଅଟଳ ବିହାରୀ ବାଜପେୟୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଏବଂ ଡାକ୍ତର ରାମମନୋହର ଲୋହିଆ ଚିକିତ୍ସାଳୟର ନୂତନ ପ୍ରିନ୍ସିପାଲ(ଅଧ୍ୟକ୍ଷ) ଭାବେ ନିଯୁକ୍ତି ପାଇଛନ୍ତି। ସେ ଏବେ ନୂତନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହିଭଳି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଅଳଙ୍କୃତ କରିବା ଦିଗରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ବ୍ୟକ୍ତି। ଏହି ନିଯୁକ୍ତି ପୂର୍ବରୁ ଡାକ୍ତର ସାହୁ ସେହି ହସ୍ପିଟାଲର ଭେଷଜ ବିଭାଗର ନିର୍ଦ୍ଦେଶକ, ଅଧ୍ୟାପକ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଆସିଛନ୍ତି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଡାକ୍ତର ଡିଗ୍ରୀ ହାସଲ କରିଥିବା ଡାକ୍ତର ସାହୁ ପରବର୍ତ୍ତୀ ସମୟରେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଭେଷଜ ବିଭାଗରେ ସ୍ନାତକ ଡିଗ୍ରୀ ହାସଲ କରି ଜେଏନ୍‌ଆଇପିଜି ମେଡିକାଲ ଶିକ୍ଷା ଓ ଗବେଷଣା ସଂସ୍ଥାନ ପଣ୍ଡିଚେରୀରେ କାର୍ଯ୍ୟ କରି ଆସିଛନ୍ତି। ଶିକ୍ଷା ପ୍ରଦାନ ଓ ଚିକିତ୍ସା ସେବା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ ସୁନାମ ରହିବା ସହ ସେ ବହୁ ଉପାଧି ଓ ସମ୍ମାନରେ ସମ୍ମାନିତ ହୋଇଥିବା ଜଣାଯାଇଛି। ଡାକ୍ତର ସାହୁ ଜଳେଶ୍ୱର ଥାନା ବାଘମାରୀ ଗ୍ରାମରେ ଜନ୍ମଗ୍ରହଣ କରିଛନ୍ତି। ସ୍ୱର୍ଗତ ବାବୁରାମ ସାହୁଙ୍କ ପୁତ୍ର ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସାନ ଭାଇ ଡାକ୍ତର ସାହୁ ଜଣେ ସରଳ, ମେଳାପୀ ମିଷ୍ଟଭାଷୀ ତଥା ସୁନାମଧନ୍ୟ ଚିକିତ୍ସକ ଭାବେ ବେଶ ପରିଚିତ। ବ୍ରହ୍ମପୁର ଜିଲ୍ଲା କୋମାପଲ୍ଲୀର ସ୍ୱର୍ଗତ ଉଦୟ ନାଥ ସାହୁଙ୍କ ଜାମାତା ଡାକ୍ତର ସାହୁଙ୍କ ଶିକ୍ଷାଦାନ କ୍ଷେତ୍ରରେ ୨୮ ବର୍ଷର ଅଭିଜ୍ଞତା ରହିଛି ଏବଂ ଡାକ୍ତର ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ପରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଡାକ୍ତର ସାହୁଙ୍କ ଏହି ସଫଳତାରେ ଜଳେଶ୍ୱର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।



## ସିଂ ବ୍ରଦର୍ସ ଆର୍ଥଲେଟିକ କ୍ଲବ୍ ପକ୍ଷରୁ ଫୁଟବଲ ପ୍ରତିଯୋଗିତା



**ନୀଳଗିରି,୨୬।୧୨(ସମିସ):** ନୀଳଗିରି ବ୍ଲକ୍ ବଣସୀମା ନରଣପୁର ଗ୍ରାମପଞ୍ଚାୟତର ସିଂ ବ୍ରଦର୍ସ ଆର୍ଥଲେଟିକ୍ କ୍ଲବ ଆନୁକୂଲ୍ୟରେ ୨୬ ତମ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତା ସାତଖାଲିଆ ଖେଳ ପଡ଼ିଆରେ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଢେଙ୍କାନାଳ ଜିଲ୍ଲାପାଳ ତଥା ଇଡ୍‌କୋ ମହାପ୍ରବନ୍ଧକ ସରୋଜ କୁମାର ସେଠୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ନୀଳଗିରି କଂଗ୍ରେସର ଯୁବ ନେତା ତପନ କୁମାର ରାଉତ, ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ବରେଣ୍ୟ ଅତିଥି ଭାବେ ଏଲ୍‌ଆଇସିର ଆଞ୍ଚଳିକ କ୍ଷେତ୍ର ପ୍ରବନ୍ଧକ ବୁଦ୍ଧିରାମ ସିଂ, ଅନ୍ୟତମ ବରେଣ୍ୟ ଅତିଥି ସାତ ଖାଲିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖଣ୍ଡେଇ, ନ୍ୟୁଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀର ଶାଖା ପରିଚାଳକ ଘନଶ୍ୟାମ ମୁଣ୍ଡା, ପୂର୍ବତନ ସାମରିକ ବୀର ଜବାନ ତଥା ହୋ ସମାଜର ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ଗଏପାଇ, ବିଜେପି ଯୁବ ନେତା ଦେବାଶିଷ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ବାଗୁଡାଇ, ମଞ୍ଚାସିନ ଥାଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ରାଉଣ୍ଡରେ ପ୍ରକାଶ ରାଜ୍ ଏଫ୍ ସି ସହିତ ବ୍ଲାକ୍ କୋବ୍ରା ଏଫ୍ ସି, ୨ୟ ରାଉଣ୍ଡ ରେ ହରିବଂଶ ଏଫ୍ ସି ସହିତ ମା ବଉଳାଇ ଏଫ ସି, ୩ୟ ରାଉଣ୍ଡ ରେ ସାମଲ ଏଫ୍ ସି ସହିତ ଭୂମିଜ୍ ଏବଂ ଭୂମିଜ୍, ୪ର୍ଥ ରାଉଣ୍ଡ ରେ ବାବା ପିଞ୍ଜୁୟୁଥ୍ କ୍ଲବ କଟକ ସହିତ ବିର୍ ବିର୍ସା ମୁଣ୍ଡା ଏଫ୍ ସି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟ ରେ ଚମ୍ପିଆନ ଦଳ ଭାବେ ବ୍ଲାକ କୋବ୍ରା ଏଫସି ଏବଂ ରନର୍ସ ଅପ ଦଳ ଭାବେ ବୀର୍ ବିର୍ସାମୁଣ୍ଡା ଏଫସି ବିବେଚିତ ହୋଇଥିବା ବେଳେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଯଥାକ୍ରମେ ୧.୨୦ଲକ୍ଷ ଏବଂ ୮୦ ହଜାର ଅର୍ଥ ରାଶି ଏବଂ କପ ଦେଇ ପୁରସ୍କୃତ କରାଯାଇଥିଲା। ମନୋଜ କୁମାର ପାତ୍ର ଓ ସରୋଜ ତିରିଆ ଭାସ୍ୟକାର ଭାବେ ଖେଳକୁ ପରିଚାଳନା କରିଥିବା ବେଳେ ପଣ୍ଡିତ ନଗେନ୍ କୁମାର ସିଂ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବର ସଭାପତି ପ୍ରଶାନ୍ତ କୁମାର ସିଂ, ସମ୍ପାଦକ ଚଗୁଲୁ ସିଂ, କୋଷାଧ୍ୟକ ସୁରେନ୍ଦ୍ର ସିଂ, ସଭ୍ୟ ଜିତେନ୍ଦ୍ର ସିଂ, ରବିନ୍ଦ୍ର ସିଂ, ଶ୍ରୀକାନ୍ତ ସିଂ, ରାଜେନ୍ଦ୍ର ସିଂ,ଟନ ସିଂ, କମଳାକାନ୍ତ ସିଂ,ତନ୍ମୟ ସିଂ, ଚିନ୍ମୟ ସିଂ, ରାମଚନ୍ଦ୍ର ସିଂ, ଶିକ୍ଷକ ରୂପକ କୁମାର ପଶା,ସୁରେନ୍ଦ୍ର ଦାସ ପ୍ରମୁଖ କ୍ଲବ ର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



**କାଳିପଦା,୨୬।୧୨(ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀ ଓ ବାଲିଆପାଳ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଠାରେ ୨୯ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଜେଡି ବ୍ଲକ୍ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଅତିଥି ଭାବେ ଯୋଗଦେଇ ଦଳର ଇତିହାସ ଓ ନବୀନ ପଟ୍ଟନାୟକଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ବରିଷ୍ଠ ନେତା ମହେଶ୍ୱର ଜେନା, ବରଦା ପ୍ରସନ୍ନ ପଟ୍ଟନାୟକ, ମହାଦେବ ଦାସ, ପୂର୍ବତନ ବସ୍ତା ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ସୁଶାନ୍ତ କୁମାର ବେହେରା, ଭଗବାନ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ରାଜଘାଟ,୨୬।୧୨(ସମିସ):** ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ନରଣପୁର ଗ୍ରାମର ସ୍ୱର୍ଗତ ଭଗବାନ ଦାସଙ୍କ ସହଧର୍ମିଣୀ ଗୁରୁବାରି ଦାସ (୭୫)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତା ଦାସ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ କାରଣରୁ ଘରେ ଶଯ୍ୟାଶାୟୀ ଥିଲେ। ତେବେ ଆଜି ଭୋର ସାଢ଼େ ୫ଟା ସମୟରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁତ୍ର ଲକ୍ଷ୍ମଣ, ଶତ୍ରୁଘନ, ରଘୁନାଥ ଏବଂ ତିନି ପୁତ୍ର ବଧୂ, ନାତି ନାତୁଣୀ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ଖବର ପାଇ ଗ୍ରାମବାସୀ, ଆତ୍ମୀୟସ୍ୱଜନ ତାଙ୍କ ବାସ ଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତା ଦାସ ଜଣେ ମେଳାପୀ, ଭଗବତ ପ୍ରେମୀ, ଈଶ୍ୱର ବିଶ୍ୱାସୀ, ଧର୍ମପ୍ରାଣା ମହିଳା ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ମୃତଦେହକୁ ପୁରୀ ବଡ଼ଦାଣ୍ଡକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ରଘୁନାଥ ମୁଖାଗ୍ନି ଦେଇଥିଲେ।



## ପୁସ୍ତକ ‘କବିତା କଲ୍ଲୋଳ’ ଉନ୍ମୋଚିତ

**ଜଳେଶ୍ୱର,୨୬।୧୨(ସମିସ):** କବି ନରୋତ୍ତମ ପ୍ରଧାନଙ୍କ “କବିତା କଲ୍ଲୋଳ” ପୁସ୍ତିକା ଶୁକ୍ରବାର ଭଞ୍ଜ ବିହାର ପରିସରରେ ଗବେଷକ ଡଃ ଶ୍ରୀକାନ୍ତ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ବିପିନି ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ଡଃ କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ କବି ବାଞ୍ଛାନିଧି ମହାନ୍ତି, କବି ବ୍ରଜେନ୍ଦ୍ର ନାଥ ଗିରି, ଅଧ୍ୟାପକ ଧୀରଞ୍ଜନ ପାତ୍ର, ସମୀକ୍ଷକ ଡଃ ରମାକାନ୍ତ ଭଞ୍ଜ, ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ପୁସ୍ତିକାରେ ଥିବା ମୋଟ୍ ୫୫ଟି କବିତାର ସମୀକ୍ଷା ଓ ଶବ୍ଦ ବିନ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। କବିତା ଗୁଡ଼ିକ ରୁଚିପୂର୍ଣ୍ଣ, ଚିନ୍ତା ଚେତନା ରହିତ, ଆଧ୍ୟାତ୍ମିକବାଦୀ, ପ୍ରଗତିବାଦୀ, ପ୍ରକୃତି ପରିବେଶ ସମ୍ପର୍କିତ, ତଥା ସମସାମୟିକ, ସମସ୍ୟା ଭିତ୍ତିକ, ବାସ୍ତବଧର୍ମୀ, ହୃଦୟ ସ୍ପର୍ଶୀ ହେବା ସହ ସ୍ରଷ୍ଟାଙ୍କ ନିଜସ୍ୱ ଅନ୍ତଃସ୍ୱର ବୋଲି ବକ୍ତା ମତବ୍ୟକ୍ତ କରିଥିଲେ। ପ୍ରକାଶକ ଡା ଶ୍ରୀକୁମାର ଘୋଷ କବିଙ୍କ ଦୀର୍ଘ ନିରାମୟ ସାରସ୍ୱତ ଜୀବନ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ କବି, ଗାଳ୍ପିକ, ଲେଖକ ଶିକ୍ଷାବିତ ଉପସ୍ଥିତ ଥିଲେ।



## ରାଇବଣିଆରେ ବିଜେପିର କର୍ମୀ ବୈଠକ



**ଜଳେଶ୍ୱର,୨୬।୧୨(ସମିସ):** ଜଳେଶ୍ୱର ନିର୍ବାଚନମଣ୍ଡଳୀ ଖୁଆଡର୍ ପଞ୍ଚାୟତ ଉପରକୁଣ୍ଡି ଠାରେ ବିଜେପିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଖୁଆର୍ଡ ପଞ୍ଚାୟତ ବିଜେପି ସଭାପତି ସୁଜିତ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜମୋହନ ପ୍ରଧାନ ଉପସ୍ଥିତ ରହି ସଙ୍ଗଠନକୁ ମଜବୁତ୍ ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ ଜେନା, ପ୍ରାକ୍ତନ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ, ତାପସ ପାଣିଗ୍ରାହୀ, ବରଡିହା ପଞ୍ଚାୟତର ଯୁବନେତା ଦିବ୍ୟାନ୍ଦୁ ଦେ, ଶ୍ୟାମନଗର ପଞ୍ଚାୟତର ଯୁବନେତା ସୁବ୍ରତ ସାସମଲ, ଯୁବନେତା ରାସ ବିହାରୀ ରଣା, ରବୀନ୍ଦ୍ର ପ୍ରଧାନ, ସନତ ସାହୁ, ବ୍ରଜକିଶୋର ଗିରି, ବାଦଲ ସୋରେନ, ଅଜିତ୍ ବେରା, ଅଜିତ ଘୋଷଙ୍କ ସହିତ ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ।

## ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚର ଗଣଧାରଣା

ନୀଳଗିରି,୨୬।୧୨(ସମିସ)

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜରଙ୍କ ଅଫିସ ଆଗରେ ଦୁଇ ଦଫା ଦାବିରେ ଗଣଧାରଣା ଦିଆଯାଇଛି। କିଶୋରଚନ୍ଦ୍ରପୁର ପଞ୍ଚାୟତର କଇମହୁଡ଼ି ଗ୍ରାମର ମକରା ସୋରେନକୁ ଜଙ୍ଗଲରେ ଗୟଳ ଆକ୍ରମଣ କରି ମାରିଦେଇ ଥିଲା। ଉକ୍ତ ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀ କ୍ଷତି ପୂରଣ ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ତତ୍‌ସହିତ ବିଭାଗୀୟ ଅଧିକାରୀମାନେ କୌଣସି କାରଣ ନ ଥାଇ ନିରୀହ ଶାନ୍ତିକାମୀ ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଯାହାକି ଆଦିବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଏହାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ମକରା ସୋରେନ ପରିବାରକୁ କ୍ଷତି ପୂରଣ ଦେବା ସହିତ ଆଦିବାସୀଙ୍କ ଉପରେ ରେଞ୍ଜରଙ୍କ ଅତ୍ୟାଚାର ବନ୍ଦ କରିବା ଆଦି ଗଣଧାରଣାର ମୁଖ୍ୟ ପ୍ରସଙ୍ଗ ଥିଲା। ଉକ୍ତ ଧାରଣାରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ। ପ୍ରଥମେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ର ଆବାହକ ଶ୍ରୀ ପାତ୍ର ଡବଲ ଇଞ୍ଜିନ ସରକାର ର ଜନ ବିରୋଧି ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ।




ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସହିତ ରେଞ୍ଜର ସୁବ୍ରତ ବେହେରା ଓ ତାଙ୍କର ସମସ୍ତ କର୍ମଚାରୀ ଧାରଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ମୃତ ମକରା ସୋରେନଙ୍କ ପରିବାରକୁ ପନ୍ଦର ଦିନ ଭିତରେ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ଜଙ୍ଗଲ ଆଇନ୍ ଉପରେ ଅଭୟାରଣ୍ୟରେ ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରି ଜନଗଣ ଓ ବନ ବିଭାଗ ଭିତରେ ଭାଇଚାରା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୁନାରାମ ସିଂ, ଷ୍ଟାଲିନ ମିଶ୍ର, ଯାମିନୀ ହାଁସଦା, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡିଏ, ସୀତାଂଶୁ ସେନାପତି, ଉମାକାନ୍ତ ଷଡ଼ଙ୍ଗୀ, ଯୋଗାନନ୍ଦ ଦାଶ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

